# NATIONAL NEWS BULLETIN (ODIA)
## 14th July - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଗତ ୩ରୁ ୪ ବର୍ଷ ମଧ୍ୟରେ ଦେଶରେ ୮ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛନ୍ତି ବୋଲି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ଓଡ଼ିଶାରେ ନୈନି କୋଲ୍ ବ୍ଲକ୍‌ରୁ କୋଇଲା ଉତ୍ତୋଳନ ନେଇ କ୍ଷେତ୍ରୀୟ ସମୀକ୍ଷା କଲେ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ଭଟ୍ଟି ବିକ୍ରମାର୍କ ।
- ଜମ୍ମୁ-କାଶ୍ମୀର ପୁନର୍ଗଠନ ଆଇନ, ୨୦୧୯ରେ ଆବଶ୍ୟକ ସଂଶୋଧନଦ୍ୱାରା ଉପରାଜ୍ୟପାଳଙ୍କୁ ମିଳିଲା ଅଧିକ କ୍ଷମତା ।
- ପୁରୀ ଶ୍ରୀକ୍ଷେତ୍ର ରତ୍ନଭଣ୍ଡାର ଆଜି ଖୋଲିବା ନେଇ ହୋଇଛି ବ୍ୟବସ୍ଥା ।

ଏବଂ

- ଭାରତ-ଜିମ୍ବାୱେ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ସିରିଜର ଚତୁର୍ଥ ମ୍ୟାଚ୍‌କୁ ଜିତିଲା ଭାରତ ।

# ପି.ଏମ୍. - ଜବ୍ କ୍ରିଏସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଗତ ୩ରୁ ୪ ବର୍ଷ ମଧ୍ୟରେ ୮ କୋଟି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଦେଶରେ ବେକାରି ସମସ୍ୟା ନେଇ ହେଉଥିବା ଅପପ୍ରଚାରକୁ ବନ୍ଦ କରିବାପାଇଁ ଏହା ହେଉଛି ଏକ ଉଚିତ ଉଦାହରଣ ବୋଲି ସେ କହିଛନ୍ତି । ରିଭର୍ଜ ବ୍ୟାଙ୍କ୍ ପକ୍ଷରୁ ପ୍ରକାଶିତ ନିଯୁକ୍ତି ସଂକ୍ରାନ୍ତ ରିପୋର୍ଟକୁ ଭିତ୍ତିକରି ଶ୍ରୀ ମୋଦି ଏହା କହିଛନ୍ତି । ସେ କହିଛନ୍ତି, ଦେଶରେ ଦକ୍ଷତା ବିକାଶ ଓ ନିଯୁକ୍ତି କ୍ଷେତ୍ରରେ ସରକାର କାର୍ଯ୍ୟ କରୁଛନ୍ତି । ମୁମ୍ବାଇର ଗୋରେଗାଓଁଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏନ୍.ଡି.ଏ. ସରକାର ଦେଶରେ ସ୍ଥିରତା ଏବଂ ଅଭିବୃଦ୍ଧିକୁ ପ୍ରାଥମିକତା ଦେଉଛନ୍ତି । ନିବେଶକମାନେ ସରକାରଙ୍କ ତୃତୀୟ କାର୍ଯ୍ୟକାଳକୁ ଉତ୍ସାହର ସହ ସ୍ୱାଗତ କରିଛନ୍ତି । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାକୁ ଶିଳ୍ପ, କୃଷି ଓ ଅର୍ଥ କ୍ଷେତ୍ରରେ ଅଭିବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହାରାଷ୍ଟ୍ରକୁ ବିଶ୍ୱରେ ଦେଶର ବୃହତ୍ ଆର୍ଥିକ ଅଭିବୃଦ୍ଧିର କେନ୍ଦ୍ର ବୋଲି ପ୍ରତିପାଦନ କରିବାକୁ ତାଙ୍କର ଲକ୍ଷ୍ୟ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ମୁମ୍ବାଇ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଥିବା ଆଗାମୀ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଜନଜୀବନ ଏବଂ ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ପାଲ୍‌ଘରର

ଦହାନୁଠାରେ ଥିବା ବଧାବନ ବନ୍ଦରପାଇଁ ୭୬ ହଜାର କୋଟି ଟଙ୍କା କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ଏହାଦ୍ୱାରା ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଗତକାଲି ମୁମ୍ବାଇଠାରେ ସଡ଼କ ଯୋଗାଯୋଗ, ରେଳବାଇ ଏବଂ ବନ୍ଦର କ୍ଷେତ୍ରପାଇଁ ୨୯ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ।

## ଭି.ପି. - ସାଇବର ସିକ୍ୟୁରିଟି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଏକ ସୁରକ୍ଷିତ ଡିଜିଟାଲ୍ ପରିବେଶ ନବସୃଜନକୁ ପ୍ରୋତ୍ସାହିତ କରିବା ସହ ନିବେଶକଙ୍କୁ ଆକୃଷ୍ଟ କରିଥାଏ । ଏହାଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ସୁଗମ ହୋଇଥାଏ ବୋଲି ସେ କହିଛନ୍ତି । ନୂଆଦିଲ୍ଲୀର ଗ୍ଲୋବାଲ୍ କାଉଣ୍ଟର ଟେରରିଜିମ୍ କାଉନ୍‌ସିଲ୍ ଦ୍ୱାରା ଗତ ସନ୍ଧ୍ୟାରେ ଆୟୋଜିତ ତୃତୀୟ ସାଇବର ସୁରକ୍ଷା ସମ୍ମିଳନୀ ସମ୍ବୋଧନ କରି ଶ୍ରୀ ଧନ୍‌ଖଡ୍ ଏହା କହିଛନ୍ତି । ସେ କହିଛନ୍ତି, ସାଇବର ସୁରକ୍ଷା ଦ୍ୱାରା ଡିଜିଟାଲ୍ ଆହ୍ୱାନ ଗୁଡ଼ିକର ମୁକାବିଲା କରାଯାଇପାରିବ । ଭାରତ ବିଶ୍ୱର ସର୍ବବୃହତ୍ ଡିଜିଟାଲ୍ ସୋସାଇଟି ମଧ୍ୟରୁ ଅନ୍ୟତମ ଏବଂ ଏଥିରେ ୮୨୦ ନିୟୁତରୁ ଅଧିକ ସକ୍ରିୟ ଇଣ୍ଟରନେଟ୍

ଉପଭୋକ୍ତା ରହିଛନ୍ତି । ସେ କହିଛନ୍ତି, ଗତବର୍ଷ ସାରା ବିଶ୍ୱର ୫୦ ପ୍ରତିଶତ ଡିଜିଟାଲ୍ କାରବାର ହୋଇଥିଲା ।

## ପି.ଏମ୍. - ମିଡିଆ

ବିଭିନ୍ନ କଲ୍ୟାଣକାରୀ ଯୋଜନା ଏବଂ ନାଗରିକ ଅନୁକୂଳ ପଦକ୍ଷେପକୁ ପ୍ରୋତ୍ସାହନ ଯୋଗାଇଦେବା ଲକ୍ଷ୍ୟରେ ଗଣମାଧ୍ୟମ ସରକାରଙ୍କୁ ସମର୍ଥନ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ପରିବେଶ ସଂରକ୍ଷଣ ଅଭିଯାନ 'ଏକ୍ ପେଡ୍ ମା' କେ ନାମ'ର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପକୁ ବିଶ୍ୱ ସ୍ତରରେ ପ୍ରଶଂସା କରାଯାଇଛି । ଭାରତୀୟ ଗଣମାଧ୍ୟମ ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି । ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଇଣ୍ଡିଆନ୍ ନ୍ୟୁଜ୍‌ପେପର ସୋସାଇଟି ଟାୱାର୍ସକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହା କହିଛନ୍ତି । ଡିଜିଟାଲ ସଂସ୍କରଣ ଥିବା ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଅନ୍ତର୍ଜାତୀୟ ଭାଷାରେ ସଂସ୍କରଣ ପାଇଁ ଚେଷ୍ଟା କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାଦ୍ୱାରା ଭାରତୀୟ ଦୃଷ୍ଟିକୋଣକୁ ବିଶ୍ୱସ୍ତରରେ

ପହଞ୍ଚାଇବା ସମ୍ଭବ ହେବ । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ରାଜ୍ୟପାଳ ରମେଶ ବୈଶ୍ୟ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଏବଂ ଅଜିତ ପାୱାର ପ୍ରମୁଖ ଉପସ୍ଥିତ ଥିଲେ ।

## ତେଲଙ୍ଗାନା କୋଲ୍ ମାଇନ୍ସ

ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ ଭଟ୍ଟି ବିକ୍ରମାର୍କ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳର ନୈନୀ କୋଲ୍ ବ୍ଲକ୍ ଅଞ୍ଚଳକୁ ପରିଦର୍ଶନ କରିଛନ୍ତି । ସେଠାରୁ କୋଇଲା ଉତ୍ତୋଳନ ପାଇଁ ତେଲଙ୍ଗାନା ଏବଂ କୋଲ୍ ଇଣ୍ଡିଆର ମିଳିତ ଉଦ୍ୟମରେ ଗଠିତ ସିଙ୍ଗରେନି କମ୍ପାନୀକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି । ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଇତିମଧ୍ୟରେ ୬୪୩ ହେକ୍ଟର ସଂରକ୍ଷିତ ଜଙ୍ଗଲରେ ଥିବା ଏହି କୋଲ୍ ବ୍ଲକ୍‌ରୁ କୋଇଲା ଖନନ ପାଇଁ ମଞ୍ଜୁରି ପ୍ରଦାନ କରିଛି । ସିଙ୍ଗାରେନି କମ୍ପାନୀ ପକ୍ଷରୁ ପ୍ରତିଷ୍ଠା ହେବାକୁ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରପାଇଁ ଏହି କୋଇଲା ବ୍ୟବହାର କରାଯିବ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିକ୍ରମାର୍କ କୋଇଲା ଉତ୍ତୋଳନ ନେଇ ପରିସ୍ଥିତିର ସମୀକ୍ଷା କରିଛନ୍ତି । ସ୍ଥାନୀୟ ଲୋକଙ୍କ ସହ ସେ ଆଲୋଚନା ମଧ୍ୟ କରିଥିଲେ । ସୂଚନାଯୋଗ୍ୟ, ନୈନି କୋଇଲା ବ୍ଲକ୍‌ରୁ କୋଇଲା ଉତ୍ତୋଳନ

ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିକ୍ରମାର୍କ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପୂର୍ବରୁ ଆଲୋଚନା କରିଥିଲେ ।

## ଜେ.କେ. - ଏଲ.ଜି.

ଜମ୍ମୁ-କାଶ୍ମୀରରେ ସର୍ବଭାରତୀୟ ସେବା ଅଧିକାରୀ, ପୁଲିସ୍ ଅଧିକାରୀଙ୍କ ବଦଳି ଏବଂ ନିଯୁକ୍ତି ଓ ନ୍ୟାୟିକ ଅଧିକାରୀଙ୍କ ନିଯୁକ୍ତି କ୍ଷେତ୍ରରେ ଏଣିକି ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଉପରାଜ୍ୟପାଳଙ୍କ ପାଖରେ ସିଧାସଳଖ ପ୍ରସ୍ତାବ ଉପସ୍ଥାପନ କରାଯିବ । ଏନେଇ ଜମ୍ମୁ-କାଶ୍ମୀର ପୁନର୍ଗଠନ ଆଇନ, ୨୦୧୯ରେ ଆବଶ୍ୟକ ସଂଶୋଧନ କରାଯାଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଂଶୋଧିତ ଆଇନ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରିଛି । ତେବେ ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇବା ଦିନଠାରୁ ଏହା ଲାଗୁ ହେବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ଏହି ସଂଶୋଧିତ ଆଇନ ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ଅଧିକ କ୍ଷମତା ପ୍ରଦାନ କରିବ । ପୂର୍ବରୁ ସର୍ବଭାରତୀୟ ସେବା ଅଧିକାରୀ, ପୁଲିସ୍ ଏବଂ ନ୍ୟାୟିକ ଅଧିକାରୀଙ୍କ ସେବା ସର୍ତ୍ତାବଳୀ ସଂକ୍ରାନ୍ତ ପ୍ରସ୍ତାବ ଜମ୍ମୁ-କାଶ୍ମୀର ଅର୍ଥବିଭାଗର ଅନୁମୋଦନ ପରେ ଉପରାଜ୍ୟପାଳଙ୍କ ପାଖରେ ଉପସ୍ଥାପନ କରାଯାଉଥିଲା ।

# ପୁରୀ ରତ୍ନଭଣ୍ଡାର

ପୁରୀ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ରତ୍ନଭଣ୍ଡାର ଆଜି ଖୋଲିବା ନେଇ ବ୍ୟବସ୍ଥା କରାଯାଇଛି । ତେବେ ଭଣ୍ଡାର ଗୃହ ଖୋଲିବାପାଇଁ ଉପସ୍ଥିତ ରହିବାକୁ ଥିବା ଅଧିକାରୀଦଳଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବାକୁ ଆଜି ପୂର୍ବାହ୍ନ ୧୦ଟାରେ ଏକ ବୈଠକ ଅନୁଷ୍ଠିତ ହେବ । ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପନ୍ନ କରକାଯିବାକୁ ପଦକ୍ଷେପ ନିଆଯାଇଛି । ଇତିମଧ୍ୟରେ ଏକ ଉଚ୍ଚସ୍ତରୀୟ କମିଟି ଷ୍ଟ୍ରଙ୍ଗ୍‌ରୁମ୍‌ର ସ୍ଥିତି ନେଇ ଯାଞ୍ଚ୍ କରିଛି । ରତ୍ନଭଣ୍ଡାର କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ଏହି ଏହି ଉଚ୍ଚସ୍ତରୀୟ କମିଟିର ସଦସ୍ୟ ଭାବେ ଯାଞ୍ଚ କରିଥିଲେ । ରତ୍ନଭଣ୍ଡାର ଖୋଲିବା ପରେ ଅଳଙ୍କାରଗୁଡ଼ିକୁ ସୁରକ୍ଷିତ ଭାବେ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତରିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଟ୍ରେଜେରୀରେ ଥିବା ଚାବିଦ୍ୱାରା ଭଣ୍ଡାରଗୃହ ଖୋଲିବାକୁ ଚେଷ୍ଟା କରାଯିବ । ଏଥିରେ ସଫଳତା ନ ମିଳିଲେ ତାଲା ଭାଙ୍ଗିବାକୁ ନିଷ୍ପତ୍ତି ହୋଇଛି । ପ୍ରସ୍ତୁତ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରାଯିବ ।

## ସିଭିଲ୍ ଆଭିଏସନ୍ ମିନିଷ୍ଟର

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଗତକାଲି ନବି ମୁମ୍ବାଇ ଆନ୍ତର୍ଜାତିକ ବିମାନ ବନ୍ଦର ପରିଦର୍ଶନ କରିବା ସହ ସେଠାରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ବିମାନ ବନ୍ଦର ଟର୍ମିନାଲ୍ ଓ ରନ୍-ଓ୍ୱେ'ର ସ୍ଥିତି ନେଇ ମନ୍ତ୍ରୀ ଶ୍ରୀ ନାଇଡୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ନବି ମୁମ୍ବାଇର ଏହି ବିମାନ ବନ୍ଦର ଆସନ୍ତା ମାର୍ଚ୍ଚ ମାସରୁ କାର୍ଯ୍ୟକ୍ଷମ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମାହୋଲ୍ କହିଛନ୍ତି, ଏହି ବିମାନ ବନ୍ଦରରୁ ପୁଣେ, ଥାନେ, କଲ୍ୟାଣ ଏବଂ ପଶ୍ଚିମ ମହାରାଷ୍ଟ୍ର ଓ ମୁମ୍ବାଇ ସହ ଯୋଗାଯୋଗ ବୃଦ୍ଧି ପାଇବ ।

## ବାଇ-ଇଲେକ୍ସନ୍

ଦେଶର ୧୩ଟି ବିଧାନସଭା ଉପନିର୍ବାଚନ ଫଳାଫଳ ଗତ ସନ୍ଧ୍ୟାରେ ପ୍ରକାଶ ପାଇଛି । କଂଗ୍ରେସ ଏବଂ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ ୪ଟି ଲେଖାଏଁ ଆସନରେ ବିଜୟ ଲାଭ କରିଥିବା ବେଳେ ବିଜେପି ଦୁଇଟି ଆସନ,

ଆପ୍ ଏବଂ ଡି.ଏମ୍.କେ. ଗୋଟିଏ ଲେଖାଏଁ ଆସନରେ ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀ  ବିଜୟୀ ହୋଇଛନ୍ତି ।

ପଞ୍ଜାବର ପଶ୍ଚିମ ଜଳନ୍ଧର ଅଞ୍ଚଳରୁ ଶାସକ ଆମ୍ ଆଦମୀ ପାର୍ଟି ବିଜୟ ଲାଭ କରିଛି । ସେହିପରି ହିମାଚଳ ପ୍ରଦେଶର ଡେରା ଏବଂ ନାଲାଗଡ଼ ବିଧାନସଭା ଆସନରୁ ଶାସକ କଂଗ୍ରେସ ବିଜୟୀ ହୋଇଥିବା ବେଳେ ହମୀରପୁର ଆସନରୁ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ପଶ୍ଚିମବଙ୍ଗରେ ଶାସକ ଏ.ଆଇ.ଟି.ଏମ୍.ସି. ରାଇଗଞ୍ଜ, ରାନାଘାଟ ଦକ୍ଷିଣ, ମଣିକତାଲା ଏବଂ ବାଗ୍‌ଦା ଆସନରୁ ବିଜୟୀ ହୋଇଛି । ଉତ୍ତରାଖଣ୍ଡର ବଦ୍ରିନାଥ ଏବଂ ମାଙ୍ଗାଲୋର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ମଧ୍ୟପ୍ରଦେଶର ଅମରୱାରା ଆସନରୁ ବିଜେପି ପ୍ରାର୍ଥୀ କମେଲଶ ପ୍ରତାପ ଶାହା ବିଜୟୀ ହୋଇଛନ୍ତି । ବିହାରର ରୂପଲି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଶଂକର ସିଂହ ବିଜୟୀ ହୋଇଛନ୍ତି ।

## ଇମ୍ରାନ ଖାଁ - ଆକ୍ୱିଟାଲ୍

ଇସ୍‌ଲାମାବାଦ ଜିଲ୍ଲା ଓ ସେସନ୍ କୋର୍ଟ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଏବଂ ତାଙ୍କ ପତ୍ନୀ ବୁସରା ବିବିଙ୍କୁ ବେଆଇନ ବିବାହ ମାମଲାରୁ ଦୋଷମୁକ୍ତ କରିଛନ୍ତି । ଅଣ-ଇସ୍‌ଲାମିକ୍ ପଦ୍ଧତିରେ ଏହି ବିବାହ

ହୋଇଥିବା ନେଇ ଅଭିଯୋଗ ହେବା ସହ ଏହାକୁ ରଦ୍ଦ କରିବାକୁ ଅଦାଲତରେ ଆବେଦନ କରାଯାଇଥିଲା । ସୂଚନାଯୋଗ୍ୟ, ଗତ ଫେବୃୟାରୀ ମାସରୁ ପାକିସ୍ତାନର ଏକ ଅଦାଲତ ଇମ୍ରାନ୍ ଖାଁ ଏବଂ ବୁସରା ବିବିଙ୍କୁ ଇସ୍‌ଲାମିକ୍ ଆଇନ ଉଲ୍ଲଙ୍ଘନ ତଥା ବୁସରା ବିବିଙ୍କ ଛାଡ଼ପତ୍ର ଓ ବିବାହ ମଧ୍ୟରେ ଆଇନ ଅନୁମୋଦିତ ବ୍ୟବଧାନ ଅନୁସରଣ କରାଯାଇ ନାହିଁ ବୋଲି ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତେବେ ଏହି ବିବାହ ମାମଲାରୁ ଦୋଷମୁକ୍ତ ହେବାର ଅଳ୍ପ କିଛି ଘଣ୍ଟା ମଧ୍ୟରେ ଏନ୍.ବି.ଏ. ନୂଆ ତୋଷଖାନା ଦୁର୍ନୀତି ମାମଲାରେ ସେମାନଙ୍କୁ ପୁଣି ଥରେ ଗିରଫ କରିଛି ।

## କ୍ରିକେଟ୍

ହରାରେ ସ୍ପୋର୍ଟସ୍ କ୍ଲବ୍‌ରେ ଖେଳାଯାଉଥିବା ଭାରତ ଓ ଜିମ୍ବାୱେ ମଧ୍ୟରେ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ଭାରତ ଜିମ୍ବାୱେକୁ ୧୦ୱିକେଟ୍‌ରେ ହରାଇଛି । ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୨ରନ୍ ସଂଗ୍ରହ କରିଛି । ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ସର୍ବାଧିକ ୪୬ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ଖଲିଦ୍ ଅହମଦ୍ ୨ଟି ୱିକେଟ୍

ନେଇଥିଲେ । ଓପନିଂ ଯୋଡ଼ି ଅଧିନାୟକ ଶୁଭମନ ଗିଲ୍ ଏବଂ ଜଶସ୍ୱୀ ଜୟସ୍ୱାଲ୍‌ଙ୍କ ଚମତ୍କାର ବ୍ୟାଟିଂ ଫଳରେ ଭାରତ ଏହି ବିଜୟ ହାସଲ କରିଛି ।

*****